# Akashvani, Sambalpur

## SAMBALPURI NEWS BULLETIN

### 1 November 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଦିଆଲୀ ଆର୍ଏନ୍ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କେନ୍ଦୁଝର୍ ଜିଲ୍ଲା ଗସ୍ତଥି ଯାଇକରି ନିଜର୍ ଗାଁ ରାଇକଲା ନ କାଳୀପୂଜା ଆଉ ଦୀଆଲୀ ଉତ୍ସବ୍ ମନେଇଛନ୍ । ସେଠାନେ ସେ ଗୋଠାଣୀ ପୂଜାଥି ଯୋଗ୍ ଦେବାର୍ ଉତ୍ରୁ ପରିବାର୍ ଆର୍ ଆତ୍ମୀୟ ଲୁକ୍କର୍ ସାଙ୍ଗେ ଦିଆଲୀ ମାନିଥିଲେ । ଇ ଅବ୍ସରେ ସେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଥିଲେ । ଆଏଜ୍ ମୁଖ୍ୟମନ୍ତ୍ରୀ ନିଜର୍ ଗାଁ ରାଇକଲା ନ ପାରମ୍ପାରିକ୍ ପୂଜାଥି ଯୋଗ୍ ଦେବାର୍ ଉତ୍ରୁ ଭୁବ୍ନେଶ୍ୱର୍ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଜାତୀୟ ଶିକ୍ଷାନୀତି ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ସର୍କାର୍ ଆଏବା ୨୦୨୫ -୨୬ ଶିକ୍ଷା ବଛ୍ରେ ଜାତୀୟ ଶିକ୍ଷାନୀତି ଲାଗୁ କର୍ବାର୍ ଲାଗି ପ୍ରସ୍ତୁତିକେ ତ୍ୱରାନ୍ୱିତ କରିଛନ୍ ।

ଇଥିର୍‌ଲାଗି ଆଏବା ମାର୍ଚ୍ଚ ୧୫ ତାରିଖ୍‌ତକ୍ ଶିକ୍ଷକ୍, ଶିକ୍ଷା ନିର୍ଦ୍ଦେଶାଳୟ ଆର୍ ରାଜ୍ୟ ଶିକ୍ଷା ଗବେଷଣା ଆଉ ପ୍ରଶିକ୍ଷଣ ପ୍ରତିଷ୍ଠାନ ତର୍‌ଫୁ ରାଜ୍ୟ ଚିଠା ଶିକ୍ଷାନୀତି ତିଆର୍ କରାଯିବା। ରାଜ୍ୟ କେବିନେଟ୍‌ର ଅନୁମୋଦନ୍ ଉତ୍‌ରୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଇଟା କାର୍ଯ୍ୟକାରୀ ହେବା। ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କର୍‌ବାର୍‌କେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ୍ - ଉନ୍ନୟନ୍ କମିଶନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଟାସ୍କଫୋର୍ସ ଗଠନ୍ କରିଛେ। ଇତାର୍‌ସହେତେ ୬ ଟା ବିଷୟଗତ ସବ୍ କମିଟିର୍ ଭିଲ୍ ଗଠନ୍ କରାଯାଇଛେ। ଇ ଭିତ୍‌ରେ ଶିକ୍ଷା ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷ ନ ସବ୍‌କମିଟିର୍ ବୈଠକ୍‌ଥି ରାଜ୍ୟ ଶିକ୍ଷାନୀତିର ଚିଠା ପ୍ରସ୍ତୁତି ବାବ୍‌ଦେ ଆଲୋଚନା କରାଯାଇଥିଲା।

ଏଲ୍‌ଟିଆର୍ ଶିକ୍ଷକ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୬ ହଜାର୍ ଲିଭ୍ ଟେନିଂ ରିଜର୍ଭ- ଏଲ୍‌ଟିଆର୍ ଶିକ୍ଷକଙ୍କୁ ହାଇସ୍କୁଲ୍‌ସ୍ତର୍‌ଥି ନିଯୁକ୍ତି ଦିଆଯିବା। ଟିଜିଟି କଳା, ସାଇନ୍ସ (ସିପିଏମ୍), ଟିଜିଟି ସାଇନ୍ସ (ସିବିଜେଡ୍), ହିନ୍ଦୀ ଶିକ୍ଷକ୍, କ୍ଲାସିକାଲ୍ ସଂସ୍କୃତ ଶିକ୍ଷକ୍, ତେଲୁଗୁ ଶିକ୍ଷକ୍ ଆର୍ ଉର୍ଦ୍ଦୁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା। ଇମାନ୍‌କର୍ ପୋଷ୍ଟ ଆର୍ ସାର୍ଭିସ୍ ଗ୍ରୁପ୍ ବି

ରହେବା ଆର୍ ଲେଭେଲ୍ ୯ ଅନ୍‌ସାରେ ୩୫ ହଜାର୍ ୪ ଶହ ଟଙ୍କା ଦର୍‌ମା ଦିଆଯିବା । ସେନ୍‌ତା ଶାରୀରିକ ଶିକ୍ଷା, ଶିକ୍ଷକ୍ ନିଯୁକ୍ତି ଭିଲ୍ ଦିଆଯିବା ଆଉ ଇମାନେ ମାସ୍‌କ ୨୯ ହଜାର୍ ୨ ଶହ ଟଙ୍କା ଦର୍‌ମା ପାଏବେ । ଇତାର୍‌ସହେତେ ଡିଏ ଆର୍ ଅଲ୍‌ଗା ସୁବିଧା ସୁଯୋଗ୍ ଭିଲ୍ ସେମାନ୍‌କୁ ମିଲ୍‌ବା । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ ତର୍‌ଫୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ ।

## ୧୦, ୧୨ କ୍ଲାସ୍ ପରୀକ୍ଷା- ଉପସ୍ଥାନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍‌ଇ ତର୍‌ଫୁ ୧୦ ଆର୍ ୧୨ କ୍ଲାସ୍ - ୨୦୨୫ ପରୀକ୍ଷା ଲାଗି ମାର୍ଗଦର୍ଶିକା ଜାରି କରାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ୭୫ ପ୍ରତିଶତ୍ ଉପସ୍ଥାନ୍ ନାଇଁଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇ ନାଇଁପାରନ୍ । ହେଲେ ମେଡ଼ିକାଲ୍ ବାଗିର୍ ଜରୁରୀ ପରିସ୍ଥିତିଥି ୨୫ ପ୍ରତିଶତ୍ ଉପସ୍ଥାନ୍ ଛାଡ଼୍ କରାଯିବା । ୨୦୨୫ ଫେବୃଆରୀ ମାସେ ହେବାର୍‌କେ ଥିବା ସିବିଏସ୍‌ଇ ୧୦ ଆର୍ ୧୨ କ୍ଲାସ୍ ପରୀକ୍ଷାକେ ନେଇକରି ସିବିଏସ୍‌ଇ ତର୍‌ଫୁ ପ୍ରକ୍ରିୟା ମୁଲ୍ କରାଯାଇଛେ ।

ବ୍ଲକ୍ ସ୍ତରୀୟ ବିଜ୍ଞାନ୍ ମେଳା        ଆର୍ଏନ୍ୟୁ /ସମ୍ବଲପୁର

ରାଷ୍ଟ୍ରୀୟ ଆବିଷ୍କାର୍ ଅଭିଯାନ୍ ଅଧୀନ୍‌ଥି ବ୍ଲକ୍ ସ୍ତରୀୟ ବିଜ୍ଞାନ୍ ମେଳା ଆଏବା ୫ ତାରିଖ୍‌ତକ୍ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବିଜ୍ଞାନ୍ ମେଳାଥି ସର୍‌କାରୀ ପ୍ରାଥମିକ ସ୍କୁଲ୍ ଆଉ ମାଧ୍ୟମିକ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଭାଗ୍ ନେଇପାର୍‌ବେ । ବିଜ୍ଞାନ୍ ପ୍ରକଳ୍ପ ଆଉ ମୋଡ଼େଲ୍ ମାନ୍ ଇଥି ପ୍ରଦର୍ଶିତ ହେବା । ଅଭିନବ ଚିନ୍ତାଧାରାକେ ନେଇକରି ପିଲାମାନେ ନିଜର୍ ପ୍ରକଳ୍ପ ପ୍ରଦର୍ଶନ କର୍‌ବେ । ଇ ବଛର୍ ବିଜ୍ଞାନ୍ ମେଳାର୍ ଥିମ୍ ରହିଛେ ସାମଗ୍ରୀକ ଭବିଷ୍ୟତ୍ ଲାଗି ବିଜ୍ଞାନ୍ ଆଉ ଜ୍ଞାନ୍ କୌଶଳ । ବିଜ୍ଞାନ୍ ମେଳାକେ ଜିଲ୍ଲା ଶିକ୍ଷା ଅଧିକାରୀ ପରିଚାଳନା କର୍‌ବାର୍ ବେଲେ ଇଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନେ ଭିଲ୍ ରହେବେ ।

ସୁରଭି- ୨୦୨୪        ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍- ସୁରଭି- ୨୦୨୪ ଆଏବା ୧୨ ନୁ ୧୪ ତାରିଖ୍‌ତକ୍ ପାଲନ୍ ହେବା । ଭୁବନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ନ ହେବାର୍‌କେ ଥିବା ଇ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍

ରହିଛେ । ଇ ବଛର୍ ସୁରଭି -୨୦୨୪ର ମୁଖ୍ୟ ପ୍ରସଙ୍ଗ ହେଉଛେ ଓଡ଼ିଶାର୍ ଲୋକକଳା । ଜିଲ୍ଲାସ୍ତରୀୟ ସୁରଭି ଉତ୍ସବ୍‌ଥି ପହେଲା ଠାନ୍ ହାସଲ୍ କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ସୁରଭିର ଭିନ୍ ଭିନ୍ ପ୍ରତିଯୋଗିତାଥି ସାମିଲ୍ ହେବେ ।

ଓଜେଏସ୍‌ର ମୁଖ୍ୟ ଲିଖିତ୍ ପରୀକ୍ଷା        ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ- ଓପିଏସ୍‌ସି ପରିଚାଲିତ୍ ଓଡ଼ିଶା ବିଚାର୍ ବିଭାଗୀୟ ସେବା - ଓଜେଏସ୍‌ର ମୁଖ୍ୟ ଲିଖିତ୍ ପରୀକ୍ଷା ଆଏବା ୩ ତାରିଖ୍ ରଏବାର୍ ଦିନ ମୁଲ୍ ହେବା । ଇ ପରୀକ୍ଷା କଟକ୍, ଭୁବ୍‌ନେଶ୍ୱର୍ ଆର୍ ସମ୍ବଲ୍‌ପୁର୍‌ର କେନ୍ଦ୍ରମାନ୍‌କେ ୬ ଶହ ୮୦ ଝନ୍ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଇ ବାବ୍‌ଦେ ଓପିଏସ୍‌ସି ତର୍‌ଫୁ ପରୀକ୍ଷା ସୂଚୀ ବାହାରିଛେ ।

ୟୁଜିସି- ମାର୍ଗଦର୍ଶିକା            ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ -ୟୁଜିସିର ଲୋଗୋ କି ନାଁକେ ବିନା ଅନୁମତିଥି ବେଭାର୍ କଲେ କାର୍ଯ୍ୟାନୁଷ୍ଠାନ୍

ନିଆଯିବା ବଲି ୟୁଜିସି ତର୍‌ଫୁ କୁହାଯାଇଛେ । ୟୁଜିସିର ଲୋଗୋ ଆର୍ ନାଁକେ କେତେ ଅସାଧୁ ବ୍ୟକ୍ତି ଶିକ୍ଷାନୁଷ୍ଠାନ୍ ବିନା ଅନୁମତିଥି ବେଭାର୍ କରୁଥବାର୍ ୟୁଜିସିର ନଜରକେ ଆସିଛେ । ଇଥିର୍‌ଲାଗି ଛାତ୍ରଛାତ୍ରୀମାନେ ଦ୍ଵନ୍ଦଥି ପଡୁଛନ୍ । ଯଦି ଏନ୍ତା ବିଶୃଙ୍ଖଲା ଦେଖିବାର୍‌କେ ମିଲ୍‌ଲେ ଟ୍ରେଡ୍ ମାର୍କ ଏକ୍ଟ ଭାଙ୍ଗ୍‌ବାର୍ ଆଇନ୍ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ୟୁଜିସି ତର୍‌ଫୁ କୁହାଯାଇଛେ ।

ପୁରୀ- ଦିଆଲୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମାହାପୁରୁମାନ୍‌କର୍ ଚଳନ୍ତି ପ୍ରତିମା ମଦନ୍ ମୋହନ୍‌ଙ୍କର୍ ସାଗର୍ ବିଜେ ନୀତି ହେବା । ସେନ୍ତା ଶ୍ରଦ୍ଧାଳୁ ପୟା ଶ୍ରାଦ୍ଧ ଆର୍ ବଡ଼ବଡ଼ିଆ ଡାକ୍‌ବାର୍‌କେ ଜବର୍ ଭିଡ଼୍ ହେବାର୍ ସମ୍ଭାବନା ରହିଛେ । ପିତୃପୁରୁଷଙ୍କର୍ ଲାଗି ଦୀଆଲୀ ଦିନ ଦୀପଦାନ, ପୟାଶ୍ରାଦ୍ଧ ଆଉ ବଡ଼ବଡୁଆ ଡାକ୍‌ବାର୍ ଭିଡ଼୍‌କେ ନଜର୍‌ଥି ରଖିକରି ପୁରୀ ନ ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ।

ଧାନ୍ ଘିନା-ଖାଉଟି କଲ୍ୟାଣ୍ ମନ୍ତ୍ରୀ	ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଧାନ୍ ଘିନା ନୀତି ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ବାହାର୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ଧାନ୍ ଘିନା ଲାଗି ଖୋବ୍ ଜଲ୍‌ଦି ମଣ୍ଡି ଖୁଲ୍‌ବା । ହେଲେ କେତେ ଜାଗା ନ ଲୁକେ ବାହାରେ ଧାନ୍ ବିକୁଥିବାର୍‌ନୁ ଦଲାଲ୍ ମାନ୍‌କର୍ ଉପ୍‌ରେ ନଜର୍ ରଖିବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଧାନ୍ ଘିନାର୍ ତଦାରଖ୍ କର୍‌ବାର୍‌କେ ଜନେ ଲେଖା ମନ୍ତ୍ରୀ ଫି’ ୨ ଟା ଜିଲ୍ଲାର୍ ଦାୟିତ୍ୱଥି ରହେବେ ।